# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25th July - 2025

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟକୁ ଦେଶର ପ୍ରମୁଖ ବୟନଶିଳ୍ପ କ୍ଷେତ୍ର ଭାବେ ଗଠନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

— ଭୁବନେଶ୍ୱରଠାରେ ଓଡ଼ିଶା ଶିଳ୍ପ ସମ୍ମିଳନୀରେ ୬ଟି ବୟନଶିଳ୍ପ ପାର୍କର କଲେ ଉଦ୍‌ଘାଟନ ।

- ରାଜ୍ୟରେ ପାନୀୟ ଜଳର ସୁପରିଚାଳନାପାଇଁ ପ୍ରତିଷ୍ଠା ହେବ ଜଳନିଗମ ।

- ଦିଲ୍ଲୀ ଏମ୍‌ସରେ ଚିକିତ୍ସାଧୀନ ବଲଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ଼ କଲା କ୍ରାଇମ୍‌ବ୍ରାଞ୍ଚ ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି ।

# ମୁଖ୍ୟମନ୍ତ୍ରୀ - ଓଡ଼ିଶା ଟେକ୍ସ

ରାଜ୍ୟରେ ବୟନଶିଳ୍ପ କେବଳ ଏକ ଅର୍ଥନୈତିକ ଶିଳ୍ପ ନୁହେଁ; ଏହା ଆମ ସଂସ୍କୃତି, ଇତିହାସ ଓ ଅସ୍ମିତାର ଅଭିନ୍ନ ଅଂଶ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଓଡ଼ିଶା ଟେକ୍ସ-୨୦୨୫ ଶିଳ୍ପ ସମ୍ମିଳନୀର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟକୁ ଦେଶର ଏକ ପ୍ରମୁଖ ବୟନଶିଳ୍ପ ହବ୍ ଭାବେ ଗଠନ କରିବା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ରାଜ୍ୟର ସମ୍ବଲପୁର ଇକତ୍, ବୋମ୍‌କାଇ, ଜି.ଆଇ. ମାନ୍ୟତା ହସ୍ତତନ୍ତ ଶିଳ୍ପ, କଞ୍ଚାମାଲ୍‌ର ଭଣ୍ଡାର ଏବଂ ବନ୍ଦର ସଂଯୋଗ ସହ ରାଜ୍ୟରେ ଥିବା ଅନୁକୂଳ ଭୌଗୋଳିକ ସ୍ଥିତି ଉପରେ ଆଲୋଚନା କରିଥିଲେ । ଚଳିତ ଆର୍ଥିକ ବର୍ଷରେ ଦେଶର ମୋଟ୍ ଘରୋଇ ନିବେଶର ୪୦ ପ୍ରତିଶତ ରାଜ୍ୟକୁ ଆସିଛି । ରାଜ୍ୟର ବସ୍ତ୍ରକୁ ସମଗ୍ର ଦେଶରେ ପହଞ୍ଚାଇବା ଲାଗି ସମସ୍ତ ସରକାରୀ କର୍ମଚାରୀଙ୍କୁ ସପ୍ତାହକୁ ଗୋଟିଏ ଦିନ ଓଡ଼ିଶାରେ ପ୍ରସ୍ତୁତ ପୋଷାକକୁ ପରିଧାନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଆଜି ୬ଟି ବୟନଶିଳ୍ପ ପାର୍କର ଉଦ୍‌ଘାଟନ କରିବା ସହ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହା କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟରେ ୭ ହଜାର ୮୦୮ କୋଟି ଟଙ୍କାର ନିବେଶ ଆସିବା ସହ ୫୩ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ବୁଣାକାର ଶ୍ରମିକଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ବୟନଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ମଜୁରି ରିହାତି ମାସକୁ ୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାସହ ରାଜ୍ୟରେ ଆଉ ୫ଟି ବୟନଶିଳ୍ପ ପାର୍କ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ ୧୬୦ରୁ ଊର୍ଦ୍ଧ୍ୱ ବୃହତ୍ ଓ ନୂତନ ଉଦ୍ୟୋଗୀ ଯୋଗ ଦେଇଥିଲେ ।

***BBSR/R***

## ପାନୀୟଜଳ ପ୍ରକଳ୍ପ

ରାଜ୍ୟରେ ପାନୀୟଜଳର ସୁପରିଚାଳନା ପାଇଁ ଏକ ଜଳ ନିଗମ ପ୍ରତିଷ୍ଠା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ରାଜ୍ୟବାସୀଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏନେଇ ରାଜ୍ୟରେ ଜଳ ବିଶୁଦ୍ଧୀକରଣ ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି । ରାଜ୍ୟରେ ୨୦୭ଟି ମେଗା ପାନୀୟଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି । ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ବୋଲି ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ନୂଆପଡ଼ା ଜିଲ୍ଲାର ସମସ୍ତ ଗ୍ରାମ 'ହର୍ ଘର୍ ଜଲ୍ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇପାରିଛି ।

***Desk***

# ନକଲି ଜବ୍‌କାର୍ଡ଼ଧାରୀ

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍‌କାର୍ଡଧାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ଇ-କେ.ୱାଇ.ସି. କରିବାକୁ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି। ନକଲୀ ଜବ୍‌କାର୍ଡଧାରୀଙ୍କୁ ଚିହ୍ନଟ କରିବା ପାଇଁ ଇ-କେ.ୱାଇ.ସି. ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ନକଲୀ ଜବ୍‌କାର୍ଡଧାରୀଙ୍କୁ ଚିହ୍ନଟ କରାଯାଇଥିବା ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ଇ-କେ.ୱାଇ.ସି. ନ କଲେ ଜବ୍‌କାର୍ଡ ରଦ୍ଦ ହେବ ବୋଲି ମନ୍ତ୍ରୀ କହିଛନ୍ତି।

***Voice** :........*

***Desk***

# ରାଷ୍ଟ୍ରପତି - ୩ ବର୍ଷ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକାଳକୁ ଆଜି ୩ ବର୍ଷ ପୂରଣ ହୋଇଛି । ରାଷ୍ଟ୍ରପତି ମୁର୍ମୁ ସର୍ବଦା ମା’, ମାତୃଭୂମି ଏବଂ ମାତୃଭାଷାର ଉନ୍ନତି ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ତାଙ୍କ ଉଦ୍ୟମରେ ରାଷ୍ଟ୍ରପତି ଭବନରେ ଆଦିବାସୀ କଳା ଗ୍ୟାଲେରୀ ସ୍ଥାପନ କରାଯାଇଛି । ଆଦିବାସୀ କଳା, ସଂସ୍କୃତି ପ୍ରଦର୍ଶନୀ ସହ ସେଠାରେ ଆଦିବାସୀ ସମାଜର ବୀରଙ୍କ ସମ୍ପର୍କରେ ସୂଚନା

ରହିଛି । ଏହି ସମସ୍ତ ପ୍ରୟାସର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ଅନେକ ନିଷ୍ପତ୍ତି ନିଆଯାଇଛି, ଯାହା ନାଗରିକମାନଙ୍କୁ ରାଷ୍ଟ୍ରପତି ଭବନ ସହ ସମ୍ପର୍କ ବୃଦ୍ଧି କରିଛି । ସମାଜର ସମସ୍ତ ବର୍ଗ ବିଶେଷକରି ଅବହେଳିତ ଏବଂ ପଛୁଆ ବର୍ଗଙ୍କୁ ଦେଶର ବିକାଶଯାତ୍ରା ସହ ପ୍ରଭାବଶାଳୀ ଭାବେ ଯୋଡ଼ିବାପାଇଁ ସର୍ବଦା ପ୍ରୟାସ ଜାରି ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଏହାସହ ଆଗାମୀ ଦିନରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯିବା ସହ ରାଷ୍ଟ୍ରପତି ଭବନକୁ ୨୦୨୭ ମସିହା ମାର୍ଚ୍ଚ ମାସ ସୁଦ୍ଧା ନେଟ୍ ଜିରୋ କରାଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

***HS***

## ବାରିପଦା - ନବୀକରଣ

ବାରିପଦା ସହରର ନବୀକରଣ ହେବା ନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ନୂତନ ସ୍ଥାନରେ ଜିଲ୍ଲାର କାର୍ଯ୍ୟାଳୟ, ରିଙ୍ଗ୍ ରୋଡ୍ ସହ ବୁଢ଼ାବଳଙ୍ଗ ନଦୀରେ ବ୍ୟାରେଜ, ଉନ୍ନତ ସ୍ୱେରେଜ୍ ବ୍ୟବସ୍ଥା ସଂକ୍ରାନ୍ତରେ ମନ୍ତ୍ରୀ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀଙ୍କ ଆଲୋଚନା କରିଛନ୍ତି ।

***Desk***

# ଇଗ୍ନୁ - କୁଳପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର ଉମା କାଞ୍ଜିଲାଲ୍‌ଙ୍କୁ ଇନ୍ଦିରାଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୁର ନୂତନ କୁଳପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ପ୍ରଫେସର କାଞ୍ଜିଲାଲ୍ ବିଗତ ଏକବର୍ଷ ଧରି ଇଗ୍ନୁର କାର୍ଯ୍ୟନିର୍ବାହୀ କୁଳପତି ରୂପେ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି ।

***Desk***

# ବଳଙ୍ଗା ପୀଡ଼ିତା - ବୟାନ ରେକର୍ଡ଼

ଦିଲ୍ଲୀ ଏମ୍‌ସରେ ଚିକିତ୍ସାଧୀନ ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କ ପୁନର୍ବାର କ୍ରାଇମ୍‌ବ୍ରାଞ୍ଚ୍, ପୁଲିସ୍ ଏବଂ ଡାକ୍ତରଙ୍କ ଉପସ୍ଥିତିରେ ବୟାନ ରେକର୍ଡ଼ କରାଯାଇଛି । ବୟାନ୍ ରେକର୍ଡ଼ ସମୟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ପୀଡ଼ିତାଙ୍କ ବୟାନ ଆଧାରରେ ପରବର୍ତ୍ତୀ ତଦନ୍ତ ଜାରି ରହିବ ବୋଲି ସୂଚନା ମିଳିଛି ।

# ଓଡ଼ିଶା ସାହିତ୍ୟ ଏକାଡେମୀ

ରାଜ୍ୟର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ିଙ୍କ ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଉତ୍ସବରେ ଯୋଗଦେଇ ଶ୍ରୀ ସୂରଜ କହିଛନ୍ତି, ଗତ ଏକବର୍ଷ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ ହୋଇଛି । ଏଥିସହ ଡିଜିଟାଲ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରାଇ ବିଶ୍ୱବିଦିତ କରିବାରେ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି । ଏହି ଅବସରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ।

*Gajapati/R*

# ଦୂରସଞ୍ଚାର ସଚେତନତା

ଗଜପତି ଜିଲ୍ଲା ଆର୍. ଉଦୟଗିରି ଅନ୍ତର୍ଗତ ରାମଗିରି ରାଜୀବଗାନ୍ଧି ସେବାକେନ୍ଦ୍ରଠାରେ ଦୂରସଞ୍ଚାର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଦୂରସଞ୍ଚାର ନିୟାମକ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଉପଭୋକ୍ତାମାନଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରାଇଥିଲେ ।

*Cuttack/R*

# ସ୍ୱାଧୀନତା ଦିବସ ପ୍ରସ୍ତୁତି

କଟକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଉଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ସମାରୋହକୁ ସଫଳ କରିବା ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ବରିଷ୍ଠ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

*Desk*

# ସଚେତନତା ଅଭିଯାନ

ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ଆସନ୍ତା ୩୦ ତାରିଖରେ ପାଳିତ ହେବ । ଏହା ପୂର୍ବରୁ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳ ସୁରକ୍ଷା ବଳ ପକ୍ଷରୁ ରାଜ୍ୟର ପ୍ରମୁଖ ରେଳଷ୍ଟେସନ୍‌ଗୁଡ଼ିକରେ ପନ୍ଦର ଦିନ ବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଯାତ୍ରୀ, ରେଳ କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ ମାନବ ଚାଲାଣ ବିପଦ ବିଷୟରେ ସଚେତନ କରାଇବା ସହ ଶିଶୁ ଓ ଦୁର୍ବଳ ଗୋଷ୍ଠୀଙ୍କୁ ସୁରକ୍ଷା ପ୍ରଦାନ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି ।

*Kendrapara/R*

# ସୁନାମୀ ତାଲିମ୍ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୁନାମୀ ସତର୍କତା ଓ ସଚେତନତା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୁନାମୀ ସମୟରେ ସତର୍କତା, ସ୍ୱାସ୍ଥ୍ୟ ଓ ପରିମଳ, ବିଦ୍ୟାଳୟସ୍ତରୀୟ ସଚେତନତା ବୃଦ୍ଧି, ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଏବଂ ସ୍ଥାନାନ୍ତର ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

***Desk***

# ପାଣିପାଗ

ଉତ୍ତର-ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅବପାତ ପଶ୍ଚିମବଙ୍ଗ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଦିଆଯାଇଛି । ରାଜ୍ୟରେ ଲଗାଣ ବର୍ଷା ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଅତି ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏ ସମ୍ପର୍କରେ ପାଣିପାଗ ବିଭାଗ ନିର୍ଦ୍ଦେଶକ ମନୋରମା ମହାପାତ୍ର କହିଛନ୍ତି :

***Voice*** :........

ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୫୧ ହଜାର ୪୯୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସେହି ସମୟ ମଧ୍ୟରେ  ୨ ଲକ୍ଷ ୭୫ ହଜାର ୩୯୬ ଘନଫୁଟ ଜଳ ନିଷ୍କାସନ କରାଯାଉଛି ।

*****